# NATIONAL NEWS BULLETIN (ODIA)
## 28 February - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଗୁଜରାଟର ସାନନ୍ଦ ଠାରେ ଏକ ସେମିକଣ୍ଡକ୍ଟର ଯନ୍ତ୍ରାଂଶର ସଂଯୋଗୀକରଣ, ପରୀକ୍ଷଣ ଏବଂ ପ୍ୟାକେଜିଂ ସୁବିଧାର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।
- ଆନ୍ଧ୍ରପ୍ରଦେଶର କାକିନାଡ଼ା ଜିଲ୍ଲା ଅଧିନସ୍ଥ ଭେଟଲାପାଲେମ୍‌ଠାରେ ବାଣ କାରଖାନା ବିସ୍ଫୋରଣରେ ୨୧ ଜଣଙ୍କର ମୃତ୍ୟୁ ।

– ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଶୋକ ପ୍ରକାଶ ।

- ଇସ୍ରାଏଲ୍ ଓ ଆମେରିକାର ଇରାନ୍ ଉପରେ ମିଳିତ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଆବୁଧାବି, ବାହାରିନ୍ ଏବଂ କୁଏତ୍ ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ମାଡ଼ ।
- ଅଣସଂରକ୍ଷୀତ ଟିକେଟ୍ ସେବା ବ୍ୟବସ୍ଥା ମୋବାଇଲ୍ ଆପ୍ ଆସନ୍ତାକାଲିଠାରୁ ବ୍ୟାହତ ହେବା ନେଇ ରେଳ ମନ୍ତ୍ରଣାଳୟର ସୂଚନା ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କାର ବୋଲିଂ ନିଷ୍ପତ୍ତି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନ ଏବଂ ଗୁଜରାଟ ଗସ୍ତରେ ଯିବେ । ରାଜସ୍ଥାନ ଗସ୍ତ କାଳରେ ଶ୍ରୀ ମୋଦୀ ଆଜମିର୍ ଠାରେ ୧୬ ହଜାର କୋଟି ଟଙ୍କା ବ୍ୟୟରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସହରାଞ୍ଚଳ ବିକାଶ, ପାନୀୟ ଜଳ ଯୋଗାଣ, ସଡ଼କ, ଜଳସେଚନ, ଶକ୍ତି, ଶିଳ୍ପ ଭିତ୍ତିଭୂମି କ୍ଷେତ୍ର ରହିଛି ।

ସେ ସେଠାରେ ଜନସାଧାରଣଙ୍କୁ ମଧ୍ୟ ଉଦ୍‌ବୋଧନ ଦେବେ । ଶ୍ରୀ ମୋଦୀ ଜରାୟୁ କର୍କଟ ନିରାକରଣ ଲାଗି ୧୪ ବର୍ଷର କିଶୋରୀମାନଙ୍କ ପାଇଁ ଦେଶ ବ୍ୟାପି ଏଚ୍.ପି.ଭି. ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ରାଜ୍ୟରେ ସଡ଼କ ଯୋଗାଯୋଗ ବିକାଶ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ବନ୍ଦିକୁଇରୁ ଜୟପୁର ଚାରିଲେନ୍ ବିଶିଷ୍ଟ ଗ୍ରୀନ୍ ଫିଲ୍ଡ ଏକ୍ସପ୍ରେସ୍ ୱେ, ୮ ଲେନ୍ ବିଶିଷ୍ଟ ଦିଲ୍ଲୀ-ବଦୋଦରା ସଡ଼କ ଆଦି ଅନେକ

ଜାତୀୟ ରାଜପଥ ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ସେହିପରି ଜୋଧପୁର ନଗରକୁ ସଂଯୋଗ କରୁଥିବା ୪ ଲେନ୍ ବିଶିଷ୍ଟ ସଡ଼କ, ବାରାନ ଜିଲ୍ଲାରେ ମାଲାମୋରି-ମାଙ୍ଗ୍ରୋନ୍-ବାରାନ ରାଜ୍ୟ ରାଜପଥର ଶିଳାନ୍ୟାସ କରିବେ ।

ରାଜସ୍ଥାନ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସଂସ୍ଥାନରେ ନବନିଯୁକ୍ତ ୨୧ ହଜାର ୮୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଗୁଜରାଟ ଗସ୍ତରେ ଯାଇ ସାନନ୍ଦଠାରେ ସେମିକଣ୍ଡକ୍ଟର ନିର୍ମାଣ, ପରୀକ୍ଷଣ ଏବଂ ପ୍ୟାକେଜିଂ ନେଇ ହୋଇଥିବା ମାଇକ୍ରନ୍ ସେମିକଣ୍ଡକ୍ଟର ଭାରତୀୟ ପ୍ରଯୁକ୍ତିବିଦ୍ୟା ନିଗମର ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ଏପି-ଏକ୍ସପ୍ଲୋଜନ୍

ଆନ୍ଧ୍ରପ୍ରଦେଶର କାକିନଡ଼ା ଜିଲ୍ଲା ଅଧିନସ୍ଥ ଭେଟଲାପାଲେମ୍ ଗ୍ରାମରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ହେବା ଫଳରେ ୨୧ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ଆହତମାନଙ୍କୁ କାକିନଡ଼ା ସ୍ଥିତ ସରକାରୀ ହସ୍ପିଟାଲ୍‌କୁ ନିଆଯାଇଛି । ୯୦ରୁ ୧୦୦ ପ୍ରତିଶତ ପୋଡ଼ିଯାଇଥିବା ଆହତମାନଙ୍କୁ ଚିକିତ୍ସା ନିମନ୍ତେ ସୁପରିଟେଣ୍ଡେଣ୍ଟ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ସମୁଦାୟ ୧୮ ଜଣ ଆହତ ଚିକିତ୍ସାଧୀନ ଅଛନ୍ତି । ପୁଲିସ୍ ଇତିମଧ୍ୟରେ ୧୩ ଜଣ ମୃତକଙ୍କୁ

ଠାବ କରିଛନ୍ତି । ପୁଲିସ୍, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିସମ ବିଭାଗ ଏବଂ ଜରୁରୀକାଳୀନ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । କାକିନଡ଼ାର ସାଂସଦ ତାଙ୍ଗେଲା ଉଦୟ ଶ୍ରୀନିବାସ ଘଟଣା ସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ତ୍ୱରିତ ରିଲିଫ୍ କାର୍ଯ୍ୟ ପରିଚାଳନା ସହ ମୃତାହତ ବ୍ୟକ୍ତିଙ୍କର ପରିବାର ବର୍ଗଙ୍କ ପ୍ରତି ସହଯୋଗ ଯୋଗାଇ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ  ଏଭଳି ଗମ୍ଭୀର ପରିସ୍ଥିତିର ଅନୁଧ୍ୟାନ କରିବା ସହ ବରିଷ୍ଠ ଅଧିକାରୀମାନଙ୍କୁ ଘଟଣା ସ୍ଥଳରେ ପହଞ୍ଚି ସମ୍ଭାବ୍ୟ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା

# ଭିପି-କେରଳା

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ହେଉଛି ଲୋକଙ୍କୁ ଆତ୍ମନିର୍ଭରଶୀଳ ଏବଂ ସଶକ୍ତ କରିବାର ସର୍ବୋତ୍ତମ ମାର୍ଗ । କେରଳର ଚାଙ୍ଗାନାସେରିରେ ଥିବା ସେଣ୍ଟ ବର୍ଚ୍ଚମାନ୍ସ କଲେଜ୍‌ର ଶତବାର୍ଷିକୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟାକୁ ସମ୍ବୋଧନ କରି ଉପରାଷ୍ଟ୍ରପତି କହିଛନ୍ତି, ପୂର୍ବରୁ ଭାରତ ଅନ୍ୟ ରାଷ୍ଟ୍ରର ବିକଶିତ

ପ୍ରଯୁକ୍ତି ବିଦ୍ୟା ଉପରେ ନିର୍ଭର କରୁଥିଲା । କିନ୍ତୁ ଏବେ ନିଜର ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ସୃଷ୍ଟି କରିବାରେ ନିରନ୍ତର ଅଗ୍ରଗତି କରୁଛି ବୋଲି ସେ କହିଛନ୍ତି ।

## ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ଅଧ୍ୟକ୍ଷତାରେ ଦିଲ୍ଲୀରେ ଭାରତ-ୟୁରୋପୀୟ ସଂଘ ସମ୍ପର୍କ ଆଧାରିତ ଚଳିତ ବର୍ଷର ପ୍ରଥମ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଜୟଶଙ୍କର କହିଛନ୍ତି, ଉଭୟ ପକ୍ଷଙ୍କ ମଧ୍ୟରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ବିକାଶ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ପାରସ୍ପରିକ ଲାଭଦାୟକ ସହଭାଗିତା ନେଇ ଆଲୋଚନା ହୋଇଛି । ଏଥିରେ ଅଂଶଗ୍ରହଣ କରିଥିବା ଉଭୟ ପକ୍ଷର ପ୍ରତିନିଧିଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଇସ୍ରାଏଲ୍-ଇରାନ୍

ଇସ୍ରାଏଲ୍ ଓ ଆମେରିକା ପକ୍ଷରୁ ଆଜି ଇରାନ ଉପରେ ଆକ୍ରମଣ କରାଯାଇଛି । ରାଜଧାନୀ ତେହରାନ୍ ସମେତ ଇରାନର ବିଭିନ୍ନ ଅଞ୍ଚଳରେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ଆକ୍ରମଣ ସଂକ୍ରାନ୍ତ ୮ ମିନିଟ୍‌ର ଏକ ଭିଡ଼ିଓ ପୋଷ୍ଟ କରିଛନ୍ତି। ଓ୍ୱାଶିଂଟନ୍’ ଇରାନରେ ସାମରିକ

ଅଭିଯାନ ଆରମ୍ଭ କରିଥିବା ଏଥିରେ ସୂଚନା ଦିଆଯାଇଛି । ଇରାନ ଶାସକଙ୍କ ପକ୍ଷରୁ ଆମେରିକୀୟ ଲୋକଙ୍କ ପ୍ରତି ଥିବା ବିପଦକୁ ପ୍ରତିହତ କରିବା ଏହି ଆକ୍ରମଣର ଅନ୍ୟତମ ଉଦ୍ଦେଶ୍ୟ ବୋଲି  ଶ୍ରୀ ଟ୍ରମ୍ପ କହିଛନ୍ତି ।

ଇସ୍ରାଏଲ୍ ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ୍ କାଟଜ୍ କହିଛନ୍ତି, ଇରାନ ବିରୁଦ୍ଧରେ ଇସ୍ରାଏଲ୍ ପକ୍ଷରୁ ଆଗୁଆ ଆକ୍ରମଣ କରାଯାଇଛି । ଏଥିପାଇଁ ଦେଶ ବ୍ୟାପୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ଇରାନ ତା'ର ଆକାଶମାର୍ଗ ବନ୍ଦ କରିଛି । ସେଠାରେ ମୋବାଇଲ୍ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି । ତେବେ କ୍ଷୟକ୍ଷତି ସଂକ୍ରାନ୍ତ ତଥ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଇରାନ ଉପରେ ଆକ୍ରମଣ ପରିପ୍ରେକ୍ଷୀରେ ଇରାକ ମଧ୍ୟ ତା'ର ଆକାଶମାର୍ଗ ବନ୍ଦ କରିଛି ।

ପ୍ରତିଶୋଧ ସ୍ୱରୂପ ଇରାନ୍ ପକ୍ଷରୁ ଆବୁଧାବି, ବାହାରିନ୍ ଏବଂ କୁଏତ୍‌ରେ ଆକ୍ରମଣ କରାଯାଇଛି । ଇସ୍ରାଏଲ୍ ସେନା କହିଛି, ଇରାନ୍ ପକ୍ଷରୁ ଇସ୍ରାଏଲ୍ ଉପରେ ମଧ୍ୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ଏହି ଆକ୍ରମଣ ପରିପ୍ରେକ୍ଷୀରେ ଇସ୍ରାଏଲ୍ ସାର୍ବଜନୀନ ସମାବେଶକୁ ନିଷିଦ୍ଧ କରିଥିବା ବେଳେ ସ୍କୁଲ୍ ଓ କାର୍ଯ୍ୟସ୍ଥଳୀଗୁଡ଼ିକୁ ବନ୍ଦ କରାଯାଇଛି । ଚିକିତ୍ସାଧୀନ ରୋଗୀଙ୍କୁ ଭୂତଳ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି ।

ମାନାମାରେ ଥିବା ଆମେରିକୀୟ ନୌସେନାର ମୁଖ୍ୟାଳୟ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିବା ବାହାରିନ୍ ନିଶ୍ଚିତ କରିଛି । କାତାରର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଦେଶକୁ ଲକ୍ଷ୍ୟ କରି ଇରାନ୍ ପକ୍ଷରୁ ମାଡ଼

କରାଯାଇଥିବା କ୍ଷେପଣାସ୍ତ୍ରଗୁଡ଼ିକୁ ପାଟ୍ରିୟଟ୍ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ପ୍ରତିରୋଧ କରାଯାଇଛି ।

ଅନ୍ୟ ପକ୍ଷରେ ଇରାନ୍‌ର ରେଭଲ୍ୟୁସନାରୀ ଗାର୍ଡ଼ କହିଛି, ଇସ୍ରାଏଲ୍‌ର ପଡ଼ୋଶୀ ମିତ୍ର ରାଷ୍ଟ୍ରଗୁଡ଼ିକରେ ଥିବା ଇସ୍ରାଏଲ୍ ଏବଂ ଆମେରିକା ଘାଟିଗୁଡ଼ିକ ଇରାନ୍ କ୍ଷେପଣାସ୍ତ୍ର ଆକ୍ରମଣ ଦ୍ୱାର ପ୍ରଭାବିତ ହୋଇଛି । ୟୁ.ଏ.ଇ.ରେ ଦୁବାଇ ବିମାନ ବନ୍ଦରରେ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସମସ୍ତ ଉଡ଼ାଣକୁ ସ୍ଥଗିତ ରଖାଯାଇଛି ।

## ଇସ୍ରାଏଲ୍-ଇରାନ୍ ଓ୍ୱାର୍ ଡେହ୍ବସ୍

ଇରାନ୍ ସରକାରୀ ସମ୍ବାଦ ସରବରାହ ସଂସ୍ଥା ଦେଇଥିବା ରିପୋର୍ଟ୍ ଅନୁଯାୟୀ ଦକ୍ଷିଣ ଇରାନ୍‌ର ହର୍‌ମୋଜ୍‌ଗାନ୍ ପ୍ରଦେଶରେ ଅବସ୍ଥିତ ମିନାବ୍ ସହରରେ ବାଳିକା ବିଦ୍ୟାଳୟ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିଲା । ଫଳରେ ସେଠାରେ ୪୦ ଜଣ ଛାତ୍ରୀଙ୍କର ମୃତ୍ୟୁ ହୋଇଛି । ଅନ୍ୟ ପକ୍ଷରେ ସଂଯୁକ୍ତ ଆବର ଏମିରେଟ୍ସ ପ୍ରତିରକ୍ଷା ମନ୍ତ୍ରଣାଳୟ ଆବୁଧାବିର ଏକ ଆବାସିକ ଅଞ୍ଚଳରେ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ଜଣେ ଏସୀୟ ନାଗରିକଙ୍କର ମୃତ୍ୟୁ ହୋଇଥିବା ସ୍ୱଷ୍ଟ କରିଛି ।

## ଇଣ୍ଡିଆ-ସାଉଦି ଆରବ ଆଡଭାଇଜରି

ସାଉଦି ଆରବରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କୁ ସତର୍କ ରହିବା ପାଇଁ ସାଉଦି ଆରବ ସ୍ଥିତ ଭାରତୀୟ ଦୂତାବାସ ପରାମର୍ଶ

ଦେଇଛି । ଏଥିପାଇଁ ଏକ ନିର୍ଦ୍ଦେଶାବଳୀ ମଧ୍ୟ ଦୂତାବାସ ପକ୍ଷରୁ ଜାରି କରାଯାଇଛି । ଦୂତାବାସ କହିଛି, ଭାରତୀୟ ନାଗରୀକ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମାକୁ ମଧ୍ୟ ପାଳନ କରିବା ଉଚିତ୍ । ଜରୁରୀକାଳୀନ ପରିସ୍ଥିତିରେ ଦୂତାବାସ ପକ୍ଷରୁ ପ୍ରଦତ୍ତ ଇ-ମେଲ୍ ଏବଂ ଟେଲିଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି ।

## ରେଲୱେ

ଅଣସଂରକ୍ଷିତ ଟିକେଟ୍ ସେବା ବ୍ରବସ୍ଥା – ୟୁ.ଟି.ଏସ୍. ମୋବାଇଲ୍ ଆପ୍ ଆସନ୍ତାକାଲିଠାରୁ ବ୍ୟାହତ ହେବା ନେଇ ରେଳମନ୍ତ୍ରାଳୟ ସୂଚନା ଦେଇଛନ୍ତି । ଏହି ସେବା ରେଲ୍ ୱାନ୍ ଆପ୍ ଯୋଗେ ଉପଲବ୍ଧ ହେବ ଏବଂ ଏହା ସ୍ୱୟଂ କ୍ରୀୟ ଭାବେ ଆର୍. ୱାଲେଟ୍ ବାଲାନ୍ସ ହସ୍ତାନ୍ତର କରିବ । ୟୁ.ଟି.ଏସ୍. ସଂଯୋଗ ଥିବା ମୋବାଇଲ୍ ଆପ୍‌ରେ ରେଲ୍ ୱାନ୍ ଆପ୍ ନମ୍ବର ପଞ୍ଜିକରଣ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

## କ୍ରିକେଟ୍-ୱାର୍ଲ୍ଡକପ୍

ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଦ୍ୱିତୀୟ ଗ୍ରୁପ୍‌ର ସୁପର୍-ଏଇଟ୍ ପର୍ଯ୍ୟାୟରେ ଏକ ମ୍ୟାଚ୍ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଉଛି । ପାଲେକେଲେ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଚାଲିଥିବା ଏହି

ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

କୋଲକାତାଠାରେ ଆସନ୍ତାକାଲି ଭାରତ ଓ ଓ୍ୱେଷ୍ଟଇଣ୍ଡିଜ୍ ମଧ୍ୟରେ ସୁପର୍-ଏଇଟ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ର ବିଜେତା ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବେ ।

## ରଣଜୀ ଟ୍ରଫି

ଜାମ୍ମୁ କାଶ୍ମୀର ପ୍ରଥମଥର ପାଇଁ ରଣଜୀ କ୍ରିକେଟ୍  ଟାଇଟଲ ହାସଲ କରିଛି । ହୁବଲି ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ କର୍ଣ୍ଣାଟକ ଜାମ୍ମୁ କାଶ୍ମୀର ଏହି ସଫଳତା ହାସଲ କରିଛି । ରଣଜୀ ଟ୍ରଫି ଇତିହାସରେ ପ୍ରତୀକ୍ଷାର ଅନ୍ତ ଘଟାଇ ଜାମ୍ମୁ କାଶ୍ମୀର ଚଳିତ ଥର ଚାମ୍ପିୟାନ୍ ଆଖ୍ୟା ଅର୍ଜନ କରିଛି । ଦଳର ଏହି ସଫଳତାରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁଭେଚ୍ଛା ଜଣାଇଛନ୍ତି ।